# ତହସିଲଦାରଙ୍କ କାର୍ଯ୍ୟାଳୟ , ବନ୍ତ, ଭଦ୍ରକ

ବିଜ୍ଞପ୍ତି ସଂଖ୍ୟା ୧୯୯୮/ସଇରାତ ତା. ୨-୩-୨୦

ଲଘୁ ଖଣିଜ ଉତ୍ସ ଦୀର୍ଘମିଆଦି ଲିଜ ନିମନ୍ତେ ବିଜ୍ଞାପନ

[ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ ଅନୁଯାୟୀ]

ଏତଦ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିଯେ, ଓଡିଶା ସରକାରଙ୍କ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅଧୀନସ୍ଥ ବନ୍ତ ତହସିଲ ଅନ୍ତର୍ଗତ ସୂଚିରେ ପ୍ରଦତ୍ତ( Annexure-I ) ଲଘୁ ଖଣିଜ ଦ୍ରବ୍ୟ ସଇରାତ ଉତ୍ସ ଗୁଡିକୁ ଆସନ୍ତା 5(ପାଞ୍ଚ) ବର୍ଷ ନିମନ୍ତେ 2020-21 ଠାରୁ (ଦୀର୍ଘମିଆଦି) ଲିଜ ସୂତ୍ରେ ନେବା ପାଇଁ ଇଚ୍ଛୁକ ବ୍ୟକ୍ତିମାନଙ୍କ ଠାରୁ ଦରଖାସ୍ତ ଆହ୍ୱାନ କରାଯାଉଅଛି ।

ପ୍ରକାଶ ଥାଉକି ଲିଜରେ ଅଂଶଗ୍ରହଣ ଇଚ୍ଛୁକ ବ୍ୟକ୍ତି ବିଶେଷ ଉତ୍ସଗୁଡିକ ପରିଦର୍ଶନ କରି, ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଲଘୁ ଖଣିଜ ଦ୍ରବ୍ୟ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯବେକ୍ଷଣ କରି ଆବେଦନ କରିବା ବାଞ୍ଛନୀୟ । ଲିଜ ନେବା ପରେ ସଇରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣୀୟ ହେବନାହିଁ, ତଥା କୌଣସି ପ୍ରାକୃତିକ ବିପର୍ଯ୍ୟୟ ନିମନ୍ତେ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।

ଇଚ୍ଛୁକ ବ୍ୟକ୍ତିମାନେ, ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି(ସଂଶୋଧନ) ଆଇନ -2016 ବର୍ଣ୍ଣିତ ତିନିକିତା ଫର୍ମ-M ପୂରଣ କରି ତତ ସହିତ ନିମ୍ନଲିଖିତ ଅବଶ୍ୟକୀୟ କାଗଜାତ ଦାଖଲ କରିବା ହେବେ ।

1. ଦରଖାସ୍ତ ଫୀ ବାବଦକୁ ଟ.1,000/- (ଏକ ହଜାର ) ଟଙ୍କାର ଟ୍ରେଜରି ଚାଲାଣ( Head of Account-0853-Non-Ferrous Mining and Metallurgical Industries-102- Mineral concession Fees, Rents and Royalties), ଏହି ଦରଖାସ୍ତ ଫୀ ଫେରସ୍ତ କରାଯିବ ନାହିଁ।
2. ଉତ୍ସର ନାମ, ତଫସିଲ ଓ ସରହଦର ବିବରଣୀ ସଂଲଗ୍ନ କରିବା ହେବେ ।
3. ଦରଖାସ୍ତକାରୀଙ୍କ ନାମରେ ଉପରୋକ୍ତ ଆଇନ ଅନୁଯାୟୀ କୌଣସି ଖଣିଜ ଦେୟ ବକେୟା ନଥିବା ଦର୍ଶାଇ ଏକ ସତ୍ୟପାଠ ।
4. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ( Minimum Guaranteed Quantity) ନିମନ୍ତେ ଆବେଦନକାରୀ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ତଥା ରୟାଲଟି ସମାପରିମଣରେ ଏକ ଶୋଧକ୍ଷମ ପ୍ରମାଣପତ୍ର ( Solvency Certificate) କିମ୍ବା ବ୍ୟାଙ୍କପ୍ରତ୍ୟାଭୂତି ( Bank Guarantee) ( ଯାହାର ଅବଧି ଅନ୍ତତଃ ଅଠର ମାସ ହେବା ଆବଶ୍ୟକ) [ Requisite Extent of Solvency = Bank Guarantee, Minimum Guaranteed Quantity X ( Offered Additional Charge+ Royalty] ଏବଂ ଏହା ସହିତ ଓଡିଶା ଲଘୁ ଖଣିଜ ନିୟମ 2016 ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ନିୟମ ଓ ଅଦାଲତ ଆଦେଶ ମାନିବାକୁ ବାଧ ହେବେ ।
5. ବାର୍ଷିକ ସର୍ବନିମ୍ନ ଧାର୍ଯ୍ୟଉତ୍ତୋଳନ ପରିମାଣ ଉପରେ ନିର୍ଦ୍ଧାରିତ ଅତିରିକ୍ତ ଦେୟ ଓ ରୟାଲଟିର ଶତକଡା 5 ଭାଗ EMD ( Ernest Money Deposit) ନିମନ୍ତେ ତହସିଲଦାରଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ । ନିର୍ଦ୍ଧାରିତ ହୋଇଥିବା EMD ( Ernest Money Deposit) ର ପରିମାଣକୁ ଆବେଦନକାରୀଙ୍କ ନାମରେ ବ୍ୟାଙ୍କ ଡ୍ରାଫ୍ଟ ମାଧ୍ୟମରେ ଦରଖାସ୍ତ ସହ ସଂଲଗ୍ନ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବ ।
6. ପ୍ରାଧିକୃତ ରାଜସ୍ୱ ଅଧିକାରୀଙ୍କ ଠାରୁ ପ୍ରାପ୍ତ ହୋଇଥିବା ଆବେଦନକାରୀଙ୍କ ଅସ୍ଥାବର ସମ୍ପତ୍ତି ତାଲିକା । ଯଦି ଦରଖାସ୍ତକାରୀ ଚାହାନ୍ତି ଅନ୍ୟାନ୍ୟ ଆବଶ୍ୟକ ତଥ୍ୟ ଯଥା ବୈଷୟିକ ଜ୍ଞାନ, ଅଭିଜ୍ଞତା, ପାଖରେ ଥିବା ଯନ୍ତ୍ର ସମୂହ ଓ ଆର୍ଥିକ ସ୍ଥିତି ଇତ୍ୟାଦିର ପ୍ରମାଣ ପତ୍ର ସଂଲଗ୍ନ କରିପାରନ୍ତି ।
7. ଗତବର୍ଷର ଆୟକର ଦାଖଲ(Income Tax Return Filling) ବିବରଣୀର ନକଲ/GST clearance certificateର ନକଲ ।
8. କୌଣସି ସଇରାତ ଉତ୍ସ ନିମନ୍ତେ ଆବେଦନ କରିବା ପୂର୍ବରୁ, ଦରଖାସ୍ତକାରୀ ଉକ୍ତ ଉତ୍ସକୁ ପରିଦର୍ଶନ କରିଥିବାର ଏକ ସ୍ୱଘୋଷିତ ଲିଖିତନାମା ଦାଖଲ କରିବେ ।
9. କୌଣସି Mining ଦେୟ ବକେୟା ନଥିବା ଓ Mining ଖର୍ଚ୍ଚ ଓ ECର ମୂଲ୍ୟ ଦେବା ନେଇ ଏକ ସତ୍ୟପାଠ ଦାଖଲ କରିବେ ।

10.

ଦରଖାସ୍ତକାରୀ ଲଫାପାର ଉପରି ଭାଗରେ ବଡ ଅକ୍ଷୟରରେ କେଉଁ ସଇରାତ ଉସ ନିମନ୍ତେ ଆବେଦନ କରୁଛନ୍ତି ଏବଂ ଆବେଦନକାରୀଙ୍କ ନାମ, ଠିକଣା ଓ ଫୋନ ନୋ ସ୍ପଷ୍ଟ ଭାବରେ ଉଲ୍ଲେଖ କରିବେ ନଚେତ ଦରଖାସ୍ତଟିକୁ ବିଚାରକୁ ନିଆଯିବନାହିଁ ।

ଉପରୋକ୍ତ କାଗଜାତ ସହ ଦରଖାସ୍ତକୁ ଜଉମୁଦ ଦିଆ ଲଫାପାରେ ରେଜେଷ୍ଟ୍ରି ଡାକ ଯୋଗେ ନିମ୍ନଲିଖିତ ଠିକଣାରେ ପଠାଇବାକୁ ହେବ କିମ୍ବା ତହସିଲ କର୍ୟାଳୟରେ ଥିବା ଜଉମୁଦ ଦିଆ ଟେଣ୍ଡର ବକ୍ସରେ ତା.07.07.2020 ରିଖରୁ ତା.23.07.2020 ରିଖ ଅପରାହ୍ନ 5 ଘଟିକା ସୁଦ୍ଧା ଯେ କୌଣସି କାର୍ଯ୍ୟ ଦିବସରେ ସରକାରୀ କାର୍ଯ୍ୟ ନିର୍ଘଣ୍ଟ ପରିଧି ମଧ୍ୟରେ ପକାଇବା ଆବଶ୍ୟକ । 24.07.2020 ପୂର୍ବାହ୍ନ 11 ଘଟିକା ସମୟରେ ଦରଖାସ୍ତ ଗୁଡିକୁ ଆବେଦନକାରୀ କିମ୍ବା ତାଙ୍କ ଦ୍ୱାରା କ୍ଷମତାପ୍ରାପ୍ତ ବ୍ୟକ୍ତିଙ୍କ ସମ୍ମୁଖରେ ଟେଣ୍ଡର ବାକ୍ସ ଖୋଲାଯାଇ ଗ୍ରହଣ କରାଯାଇଥିବା ଦରଖାସ୍ତ ଗୁଡିକୁ ତନଖି କରାଯାଇ ଚୂଡାନ୍ତ କରାଯିବ ଏବଂ ଅସମ୍ପୂର୍ଣ୍ଣ ଦରଖାସ୍ତକୁ ବାତିଲ କରାଯିବ । ଉପରୋକ୍ତ ସମୟ ପରେ ଦରଖାସ୍ତ ଗ୍ରହଣୀୟ ହେବ ନାହିଁ ।

ଠିକଣା

ତହସିଲଦାରଙ୍କ କାର୍ଯ୍ୟାଳୟ, ବନ୍ତ, ଭଦ୍ରକ

ସା/ପୋ- ବନ୍ତ, ଜିଲ୍ଲା-ଭଦ୍ରକ

ପିନ-756114

## ସର୍ତ୍ତାବଳୀ

1. ଆବେଦନକାରୀମାନେ ଓଡିଶା ଲଘୁଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଏବଂ OMMC Rule-2016 ର ପରିସରଭୁକ୍ତ ରହିବେ ।
2. ଆବେଦନକାରୀ ଲିଜପାଇଁ ଉଦ୍ଧିଷ୍ଟ ନିଲାମରେ ଭାଗ ନେବା ପୂର୍ବରୁ ବାଲି ଉସଗୁଡିକ ପରିଦର୍ଶନ କରି ସଇରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଅନ୍ୟାନ ଆନୁଷଙ୍ଗିକ ସୁବିଧା ସମ୍ପର୍କରେ ପର୍ଯ୍ୟବେକ୍ଷଣ କରି ଏହି ଲିଜ ନିମିତ୍ତ ଉଦ୍ଧିଷ୍ଟ ନିଲାମରେ ଅଂଶଗ୍ରହଣ କରିବେ ।
3. ଲିଜ ପରେ ସଇରାତଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ ହେବନାହିଁ ଏବଂ ସେଥିପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ମଧ୍ୟରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
5. ସର୍ବୋଚ୍ଚୋ ଲିଜଧାରୀ ନିଜଖର୍ଚ୍ଚରେ Mining Plan ଏବଂ EC ର ମୂଲ୍ୟ ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।
6. ବାଲି ପାଇଁ ସର୍ବନିମ୍ନ ସରକାରୀ ରୟାଲଟି ମୂଲ୍ୟ ଘନମିଟର ପ୍ରତି( Per cubic meter) 35ଟଙ୍କା ଏବଂ ସର୍ବନିମ୍ନ ଅତିରିକ୍ତ ଦେୟ ଘନମିଟର ପ୍ରତି 2ଟଙ୍କା ଧାର୍ଯ୍ୟ କରାଯାଇଅଛି ।
7. ସରକାରୀ ଭାବେ ଘନମିଟରପ୍ରତି ଧାର୍ଯ୍ୟ ସର୍ବନିମ୍ନ ଅତିରିକ୍ତ ଦେୟ ( Minimum additional charge) ଦରଠାରୁ କମ ଦରରେ ଦରଖାସ୍ତ କରିଥିବା କିମ୍ବା ଆବଶ୍ୟକୀୟ ଦଲିଲ ସଂଲଗ୍ନ ନକରିଥିବା ଦରଖାସ୍ତକାରୀଙ୍କ ଦରଖାସ୍ତ ଖାରଜ କରିଦିଆଯିବ ।
8. ଯଦି ଏକାଧିକ ବ୍ୟକ୍ତି ସମ୍ପୃକ୍ତ ସଇରାତ ଉସ ନିମନ୍ତେ ସମାନ ରୟାଲଟି ମୂଲ୍ୟ ଦର୍ଶାଇଥାନ୍ତି, ତେବେ ଲଟେରୀ ମାଧ୍ୟମରେ ଯୋଗ୍ୟ ବିବେଚିତ କରାଯିବ ।
9. ଯଦି କୌଣସିଉସ ନିମନ୍ତେ କେବଳ ଗୋଟିଏ ମାତ୍ର ଦରଖାସ୍ତଗ୍ରହଣ ହୋଇଥିବ, ତେବେ ସେହି ଉସ ପାଇଁ ନିଲାମ କରାଯିବନାହିଁ ।
10. ସମସ୍ତ ସର୍ତ୍ତାବଳି ପାଳନ କରୁଥିବା ଏବଂ ସର୍ବାଧିକ ଅତିରିକ୍ତ ଦେୟ ପାଇଁ ଆବେଦନ କରିଥିବା ଆବେଦନକାରୀ ଲିଜ ଦିଆଯିବା ନିମନ୍ତେ ନିଲାମର 7 ଦିନ ମଧ୍ୟରେ ଜଣାଇ ଦିଆଯିବ । ସୂଚନା ପାଇବାର 15 ଦିନ ମଧ୍ୟରେ ମନୋନୀତ ଅବେଦନକାରୀ ସର୍ତ୍ତାବଳୀର ସମ୍ମତି ପ୍ରଦାନ କରିବେ ଓ ଅମାନତ ରାଶି (Security Deposit ) ବାବଦକୁ ସର୍ବନିମ୍ନ ଧାର୍ଯ୍ୟ ଉତୋଳନ ପରିମାଣ (MGQ) ଉପରେ ଦରଖାସ୍ତରେ ଦର୍ଶାଇଥିବା ବାର୍ଷିକ ଅତିରିକ୍ତ ଦେୟ ତଥା ରୟାଲଟି ଏବଂ

ଜିଲ୍ଲା ଖଣିଜ ପାଣ୍ଠିକୁ (District Mineral Foundation) ଦେବାକୁ ଥିବା ଦେୟରୁ ଏକ ଚତୁର୍ଥାଂଶରୁ Earnest Money କୁ ବାଦ ଦେଇ ବଳକା ଥିବା ରାଶିର ପରିମାଣ ଜମା କରିବେ ଓ ଏଥି ସହ ପୂର୍ବରୁ ଦାଖଲ ହୋଇଥିବା Earnest Money କୁ ଏକତ୍ର କରି ସୁଧ ରହିତ ଅମାନତ ରାଶି( Security Deposit) ଭାବରେ ରଖାଯିବ । ଯଦି ମନୋନୀତ ବ୍ୟକ୍ତି 15 ଦିନ ମଧ୍ୟରେ ସମ୍ମତି ନ ଦିଅନ୍ତି ଏବଂ ଅମାନତ ରାଶି ପଇଠ ନ କରନ୍ତି, ତେବେ ଦ୍ବିତୀୟ ସର୍ବାଧିକ ନିଲାମଧାରୀଙ୍କୁ ସୁଯୋଗ ଦିଆଯିବ ।

11. ସର୍ବୋଚ୍ଚ ନିଲାମଧାରୀ ବାଲି ଉତ୍ସ ପରିଚାଳନା ନିମନ୍ତେ ଆବଶ୍ୟକୀୟ ମଞ୍ଜୁରୀ ( Consent to operate) ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡରୁ (Odisha Pollution Control Board) ନିଜ ଖର୍ଚ୍ଚରେ ପ୍ରାପ୍ତ କରିବେ ।
12. ନିଲାମଧାରୀ ସମସ୍ତ ( Clearance) ଦେୟ ଜମା କରିବା ପରେ ସେ ଫାରମ ଢ (Form N) ରେ ଚୁକ୍ତି ପତ୍ର ସ୍ୱାକ୍ଷର କରିବା ସହ ନିଜ ଖର୍ଚ୍ଚରେ ଏହାକୁ Registration ( Registration Act-1908 ଓ Stamp Act 1890 ଏବଂ
13. 1899 ଅନୁଯାୟୀ) ସମ୍ପାଦନ କରିବେ ଏବଂ ପରବର୍ତ୍ତୀ ବର୍ଷଗୁଡିକ ପାଇଁ ପ୍ରତ୍ୟେକ ତ୍ରୟମାସିକରେ ପଇଠ କରିବେ ।
14. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେବା ପରେ ସ୍ଥିର କରାଯିବ ।
15. ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମା ରାଶି ବାଜ୍ୟାପ୍ତ କରିବାର କ୍ଷ୍ୟମତା, କ୍ଷ୍ୟମତା ପ୍ରାପ୍ତ ଅଧିକାରୀଙ୍କର ରହିବ ।
16. ଲିଜଧାରୀ ଦାଖଲ କରୁଥିବା ଦେୟ, ଯଥା- ରୟାଲଟି, Dead Rent, Surface Rent, DMF, Additional Charge ଓ ଅନ୍ୟାନ ଦେୟର 2% ଆୟ କର (TCS) ବାବଦକୁ ଜମା କରିବେ ଏବଂ ବିଜ୍ଞାପନ ଖର୍ଚ୍ଚ ମଧ୍ୟ ବହନ କରିବେ ।
17. ଲିଜ ଧାରୀ ସଇରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ବାଡ ଦେଇ ଚିହ୍ନଟ କରିବେ ଏବଂ ତାହା ସମ୍ମୁଖରେ ଫଳକ( Display board) ତିଆରିକରି ସେଥିରେ ସଇରାତ ଉତ୍ସର ନାମ ତଥା ମଞ୍ଜୁର ହୋଇଥିବା ଆର୍ଥିକ ଏବଂ ଅନ୍ୟାନ୍ୟ ସୂଚନା ଉଲ୍ଲେଖକରିବେ । ଏସବୁ କାର୍ଯ୍ୟ ସମ୍ପାଦନପାଇଁ ଖର୍ଚ୍ଚ ଲିଜଧାରୀବହନକରିବେ ।
18. ଉପରୋକ୍ତ ସମସ୍ତସର୍ତ୍ତାବଳୀ ପୂରଣହେଲାପରେ କାର୍ଯ୍ୟାଦେଶ ଦିଆଯିବ । କ୍ଷ୍ୟମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସଇରାତ ଉତ୍ସରୁ ବାଲି ଉଠାଇପାରିବେ ନାହିଁ ।
19. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ ଓ ଅନ୍ୟାନ୍ୟ କାଗଜାତ ଅତ୍ର କାର୍ଯ୍ୟାଳୟରେ ଛୁଟିଦିନ ବ୍ୟତୀତ ସମସ୍ତ କାର୍ଯ୍ୟ ଦିବସରେ ଖୋଲି ପାରିବେ । ଏହି ଇସ୍ତାହାରର ସମ୍ପୂର୍ଣ୍ଣ ବିବରଣୀ ଜିଲ୍ଲା ସରକାରୀ ୱେବସାଇଟ (Bhadrak.nic.in) ରେ ଦେଖିପାରିବେ ।
20. ନିଲାମ ଦରଖାସ୍ତକାରୀମାନେ ତଥା ଲିଜ ଗ୍ରହିତା , ଓଡିଶା ଲଘୁ ଖଣିଜ ନିୟମ 2016 ଏବଂ ତତ ସଂଲଗ୍ନ ସମସ୍ତ ସରକାରୀ ନିୟମ ଓ ଅଦାଲତ ଆଦେଶ ମାନିବାକୁ ବାଧ୍ୟ ହେବେ ।
21. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟରରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟ ମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।
22. ଯଦି ଉକ୍ତ ନିଲାମ ଇସ୍ତାହାରରେ କୌଣସି ତ୍ରୁଟି ପରିଲକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର ଅଧିକାର ଓ କ୍ଷମତା ଉକ୍ତ ଅଧିକାରୀଙ୍କର ରହିଛି ଏବଂ କ୍ଷମତା ପ୍ରାପ୍ତ ଅଧିକାରୀ କୌଣସି କାରଣ ନ ଦର୍ଶାଇ ଉପରୋକ୍ତ ଲିଜ ବାତିଲ ବା ସ୍ଥଗିତ କରିପାରିବେ ।

(signature)
ତହସିଲଦାର, ବନ୍ତ
୦୨.୦୩.୨୦୨୦

ଜ୍ଞାପନ ସଂଖ୍ୟା ୧୧୯୯(୩) ତା ୦୨-୦୩-୨୦

ଏହାର ନକଲ ଓ ଫାରମ –ଡ (Form- M) ନକଲ ଜିଲ୍ଲାପାଳ, ଭଦ୍ରକ/ ଉପ-ଜିଲ୍ଲାପାଳ, ଭଦ୍ରକ/ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବନ୍ତଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା

(signature)
ତହସିଲଦାର, ବନ୍ତ
୦୨.୦୩.୨୦୨୦

ଜ୍ଞାପନ ସଂଖ୍ୟା ୧୨୦୭ ତା. ୦୫-୦୩-୨୦

ଏହାର ନକଲ ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବନ୍ତ ପାଞ୍ଚାୟତ ସମିତି କାର୍ଯ୍ୟାଳୟ ନୋଟିସ ବୋର୍ଡ/ ବନ୍ତ ତହସିଲ କାର୍ଯ୍ୟାଳୟ ନୋଟିସ ବୋର୍ଡ/ ସମସ୍ତ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ଜନସାଧାରଣଙ୍କ ଅବଗତି ନିମନ୍ତେ ଲଟକାଇବାପାଇଁ ସମ୍ପୃକ୍ତ ଅଧିକାରୀମାନଙ୍କ ନିକଟକୁ ପ୍ରେରଣ କରାଗଲା । ଏହାର ନକଲ ସମ୍ପୃକ୍ତ ଗ୍ରାମରେ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରେରଣ କରାଗଲା ।

ତହସିଲଦାର, ବନ୍ତ
୦୫.୦୩.୨୦୨୦

## List of Minor Minerals under Bonth Tahasil for lease of 5 years term

| SL No. | Name of the source | Village | Khata | Plot | Lease area | Kissam | Minimum guaranteed in CM per Annum | Rate of Royalty per CM | Minimum Addl. Charge 5% be quoted | EMD in 5% of Col No.10+11)* Col.9 in Rs. |
|---|---|---|---|---|---|---|---|---|---|---|
| 1 | Mohantypada | Mohantypada | 817 | 2227<br>2228 | Ac.1.00<br>Ac.6.24 | Nadi | 2000 Cum | 35 | 1.75<br>@2.00 | 3700/- |
| 2 | Haripur | Haripur | 31 | 84<br>101 | Ac.5.00<br>Ac.2.28 | Nadi | 2000 Cum | 35 | 1.75<br>@2.00 | 3700/- |

Tahasildar, Bonth
1.06.07.2022